କିଟ୍‌ରେ କେପିଏଲ୍‌ର ୧୧ତମ ସଂସ୍କରଣ ଉଦ୍‌ଘାଟିତ

ଭୁବନେଶ୍ୱର,୨୧।୨ (ନି:ପ୍ର) କିଟ୍ ପ୍ରିମିୟର ଲିଗ୍ (କେପିଏଲ୍)ର ୧୧ତମ ସଂସ୍କରଣ କିଟ୍ କ୍ରିକେଟ ଷ୍ଟାଡିଅମ୍‌ଠାରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ୨୧ରୁ ୨୮ ତାରିଖ ପର୍ଯ୍ୟନ୍ତ ଫ୍ଲଡ୍ ଲାଇଟରେ ଚାଲିବାକୁ ଥିବା ଏହି ଦିବାରାତ୍ର କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଉତ୍ସବରେ ଭାରତୀୟ କ୍ରିକେଟର୍ ତଥା ଭାଷ୍ୟକାର ଆକାଶ ଚୋପ୍ରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ୍ ଡିମ୍ଡ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହୃଷିକେଶ ମହାନ୍ତି ଓ କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କେପିଏଲ୍‌ର ଚଳିତ ସଂସ୍କରଣରେ ଆୟୋଜକ କିଟ୍ ଡିମ୍ଡ ବିଶ୍ୱବିଦ୍ୟାଳୟ ସମେତ ଦେଶର ୧୨ଟି ପ୍ରମୁଖ ବିଶ୍ୱବିଦ୍ୟାଳୟ ଏଥିରେ ଅଂଶ ଗ୍ରହଣ କରିଛନ୍ତି। ଟୁର୍ଣ୍ଣାମେଣ୍ଟର ୪ଟି ଗ୍ରୁପ୍ କରାଯାଇଥିବା ବେଳେ ଲିଗ୍ ଭିତ୍ତିରେ ସମସ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ୨୭ ତାରିଖରେ ସେମିଫାଇନାଲ୍ ଓ ୨୮ରେ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ପୁଲ୍ 'ଏ'ରେ କିଟ୍ ଡିମ୍ଡ ବିଶ୍ୱବିଦ୍ୟାଳୟ, ଦିଲ୍ଲୀ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଜେଏନ୍‌ଟିୟୁ ହାଇଦ୍ରାବାଦ; ପୁଲ୍ 'ବି'ରେ ଜାମିଆ ମିଲିଆ ଇସ୍‌ଲାମିଆ ବିଶ୍ୱବିଦ୍ୟାଳୟ, ଜେଏନ୍‌ଟିୟୁ କାକିନାଡ଼ା ଓ ଉତ୍କଳ ବିଶ୍ୱବିଦ୍ୟାଳୟ ରହିଛନ୍ତି। ସେହିପରି ପୁଲ୍ 'ସି'ରେ ରେଭେନ୍‌ସା ବିଶ୍ୱବିଦ୍ୟାଳୟ ଆଲ୍‌ଫାଲା ବିଶ୍ୱବିଦ୍ୟାଳୟ ଓ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ରହିଥିବା ବେଳେ ପୁଲ୍ 'ଡ଼ି'ରେ ପଞ୍ଜାବୀ ବିଶ୍ୱବିଦ୍ୟାଳୟ, ପିଜିଡିଏଭି ନୂଆଦିଲ୍ଲୀ ଓ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟ ରହିଛନ୍ତି।

ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ୍ ଦଳକୁ ୨ଲକ୍ଷ ଓ ରନର୍ସଅପ ଦଳକୁ ୧ଲକ୍ଷ ତୃତୀୟ ଶ୍ରେଷ୍ଠ ଦଳକୁ ୫୦ ହଜାର ଏବଂ ଚତୁର୍ଥ ଶ୍ରେଷ୍ଠ ଦଳକୁ ୨୫ହଜାର ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯିବା ସହ ପ୍ରତ୍ୟେକ ଲିଗ୍ ମ୍ୟାଚ୍ ବିଜୟୀ ଟିମ୍‌କୁ ୧୦ ହଜାର ଟଙ୍କା ଲେଖାଏଁ ଅର୍ଥ ରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏହା ବ୍ୟତୀତ ମ୍ୟାନ୍ ଅଫ୍ ଦି ସିରିଜ୍‌ଙ୍କୁ ୮ହଜାର ଟଙ୍କା ପ୍ରଦାନ କରାଯିବାକୁ ଥିବା ବେଳେ ମ୍ୟାନ୍ ଅଫ୍ ଦି ଫାଇନାଲ୍ ମ୍ୟାଚ୍, ବେଷ୍ଟ ବୋଲର୍, ବେଷ୍ଟ ବ୍ୟାଟ୍‌ସମ୍ୟାନ୍ ଓ ବେଷ୍ଟ ୱିକେଟ କିପର–ପ୍ରତ୍ୟେକଙ୍କୁ ୬ହଜାର ଟଙ୍କା ଲେଖାଏଁ ନଗଦ ଅର୍ଥରାଶି ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଏଠାରେ ଉଲ୍ଲେଖଯୋଗ୍ୟ, ଡିମ୍ଡ ବିଶ୍ୱବିଦ୍ୟାଳୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ କ୍ଷେତ୍ରରେ କେପିଏଲ୍ ଦେଶର ଏକ ପ୍ରମୁଖ ସ୍ଥାନ ଅର୍ଜନ କରିଛି।

ଇନ୍‌ଫୋସିଟି ରୋଡ୍‌ରେ ଗ୍ଲୋବାଲ ଟେକ୍ ପ୍ରମୋଟର୍ସର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

ଭୁବନେଶ୍ୱର,୨୧।୨ (ନି:ପ୍ର) ଓଡ଼ିଶାର ପ୍ରମୁଖ ସାଇବର ସିକ୍ୟୁରିଟି ଡେଭଲପମେଣ୍ଟ ଓ ୱେବ୍ ଏବଂ ସଫ୍‌ଟୱେର ସଲ୍ୟୁସନ କମ୍ପାନୀ ଗ୍ଲୋବାଲ ଟେକ୍ ପ୍ରମୋଟରସ୍ (ଜିଟିପି)ର ନୂଆ କାର୍ଯ୍ୟାଳୟ ଇନ୍ଫୋସିସ୍ ରୋଡ୍ ପଟିଆ ନିକଟ ଭୁବନେଶ୍ୱରରେ ତା ୧୬.୦୨.୨୦୧୮ ଶୁକ୍ରବାର ଦିନ ଉଦ୍‌ଘାଟନ ହୋଇଛି। ଏହି କାର୍ଯ୍ୟକ୍ରମରେ ମାନ୍ୟବର ସାଂସଦ ଡଃ:ପ୍ରଫେସର ପ୍ରସନ୍ନ କୁମାର ପାଟଶାଣୀ, ମାନ୍ୟବର ବିଧାୟକ ଭୁବନେଶ୍ୱର (ଉତ୍ତର) ଶ୍ରୀ ପ୍ରିୟଦର୍ଶୀ ମିଶ୍ର ଟ୍ରାଇଡେଣ୍ଟ ଗ୍ରୁପ୍ ଅଫ ଇନିଷ୍ଟିଚ୍ୟୁସନ୍‌ର ଉପ ନିର୍ଦ୍ଦେଶକ ଡଃ. ଆର.ଏନ୍.ଶତପଥୀ, ସୁଯୋଗ କମ୍ପ୍ୟୁଟେକ୍ ପ୍ରା.ଲି.ର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ମନୋରଞ୍ଜନ ମହାପାତ୍ର, ସେସ୍‌କୋ ଏ.ଏସ୍.ସି. ଏବଂ ଆଇ.ଟି.ସି. ଇଣ୍ଡିଆର ମୁଖ୍ୟ ଶ୍ରୀ ଶୁଭଜିତ୍ ଜଗଦେବ୍ , ଓଡିଶା ଇକୋନୋମିକ୍ ଫୋରମ୍‌ର ସଭାପତି ଡଃ. ବିଶ୍ୱଦେବ ଦାଶ ଏବଂ ଗ୍ଲୋବାଲ୍ ଟେକ୍‌ର ପ୍ରତିଷ୍ଠାତା ଶ୍ରୀ ଦୀପକ କୁମାର ନାଥ ଉପସ୍ଥିତ ରହି ନୂଆ କାର୍ଯ୍ୟାଳୟର ଶୁଭ ଉଦ୍‌ଘାଟନ କରି ପ୍ରତିଷ୍ଠାନର ଉନ୍ନତି କାମନା କରିଥିଲେ । ଶ୍ରୀନାଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ମଞ୍ଚସଭାରେ ବିଶିଷ୍ଟ ଅତିଥିମାନେ ନିଜର ବକ୍ତବ୍ୟ ପ୍ରଦାନ କରି ବର୍ତ୍ତମାନର ଆଧୁନିକ ଯୁଗର ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଏଥି ମଧ୍ୟରେ ଜି.ଟି.ପି.ଓଡ଼ିଶାରେ ଦୀର୍ଘ ୫ବର୍ଷ ଧରି ନିଜକୁ ଠିଆକରିପାରିଛି । ମଞ୍ଚସଭା ପରେ ପରେ ଓଡ଼ିଶାର ପ୍ରଥମ ର୍ୟାପ୍ କଳାକାର ସମୀରରିସୁ ମହାନ୍ତି, ବ୍ୟଙ୍ଗ କଳାକାର ପ୍ରଣବ ପ୍ରସନ୍ନ ରଥ ଓ ଜୟନ୍ତ ରାଉତ ଏବଂ କଣ୍ଠଶିଳ୍ପୀ ଅଙ୍କୁଶ ଦାସଙ୍କ ଦ୍ୱାରା ମନୋରଞ୍ଜନ କାର୍ଯ୍ୟକ୍ରମକୁ ଦର୍ଶକମାନେ ଉପଭୋଗ କରିଥିଲେ । ଜି.ଟି.ପି.ର କର୍ମକର୍ତ୍ତା ଓ ଛାତ୍ରଛାତ୍ରୀମାନେ ମଧ୍ୟ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଶୁଭଜିତ୍ ପଣ୍ଡା ମଞ୍ଚ ଉପସ୍ଥାପନା କରିଥିଲେ ।

୨୦୧୮ ୟାଚିଙ୍ଗ୍ ଚାମ୍ପିୟନସିପ୍‌ରେ ଓଡିଶାକୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର,୨୧।୨ (ନି;ପ୍ର) ଗତ ଫେବ୍ରୁଆରୀ ୧୫ ଓ ୧୬ ତାରିଖରେ ଚେନ୍ନାଇ ପୋର୍ଟରେ ହୋଇଥିବା ୨୦୧୮ ୟାଚିଙ୍ଗ୍ ଚାମ୍ପିୟନସିପ୍‌ରେ ଓଡିଶା ଦୁଇଟି ପଦକ ହାସଲ କରିଛି। ୟାଚିଙ୍ଗ ଆସୋସିଏସନ୍ ଅଫ ଇଣ୍ଡିଆ ଓ ଭାରତୀୟ ନୌସେନା ଦ୍ୱାରା ଭାରତ ସରକାରଙ୍କ ଏକ ଭାରତ ଶ୍ରେଷ୍ଠ ଭାରତ ଆୟୋଜିତ ପୋର୍ଟ ଅଫ୍ ଚେନ୍ନାଇ ଓ ତାମିଲନାଡୁ ସେଲିଂ ଆସୋସିସେନ୍ ମିଳିତ ସହଯୋଗରେ ୟାଚିଙ୍ଗ ସେଲିଂ ପ୍ରଶିକ୍ଷଣ ଫେବ୍ରୁଆରୀ ୬ରେ ଆରମ୍ଭ ହୋଇଥିଲା। ଚେନ୍ନାଇ ହାରବରରେ ରାଜ୍ୟ ଟିମ୍ ମଧ୍ୟରେ ଏହି ରେସ୍ ଅନୁଷ୍ଠିତ ହୋଇଥିଲା । ଫାଇନାଲ ରେସ୍ ଗତ ଫେବ୍ରୁଆରୀ ୧୭ରେ ଅନୁଷ୍ଠିତ ହୋଇଥିଲା। ମହିଳା ବର୍ଗରେ ଓଡିଆ ଝିଅ ମନସ୍ୱିନୀ ମହାରଣା ଓ ମମିତା ଟୁଡୁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଓଡିଆ ପୁଅ ସେଖର ରାଓ, ମହାରାଷ୍ଟ୍ରର ସାଇ କୁମାର କୁଣ୍ଡୁଲା ମିଳିତ ଭାବରେ ଖେଳି ଦ୍ୱିତୀୟ ସ୍ଥାନରେ ରହିଥିଲେ । ତାମିଲନାଡୁର ଜୟଲକ୍ଷ୍ମୀ ସୁନ୍ଦର ଓ ଜାମୁ ଓ କାଶ୍ମୀରର ନାଜକତ ଇସାକ୍ ମିଳିତ ଖେଳି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ତାମିଲନାଡୁର ହୁସେନ୍ ଭାଙ୍ଗରବାଲା ଓ ସୋନିଆ ସାହାଜଦ ମିଳିତ ଭାବରେ ଖେଳି ରେସ୍‌ର ପ୍ରଥମ ସ୍ଥାନ ଅଧିକାର କରିଥିଲେ ।ଖଲ୍ଲିକୋଟର ମିସ୍ ବୁଧ୍ୟବାରୀ ସବର ଚାମ୍ପିୟନ୍‌ସିପ୍‌ରେ ଅଂଷଗ୍ରହଣ କରିଥିଲେ । ଓଡିଶା ୟାଚିଙ୍ଗ ଆସୋସିଏସନ୍‌ର ସଂପାଦକ ତଥା ଲିମ୍‌କା ରେକର୍ଡ ହୋଲ୍ଡର ଓ ଆର୍ନ୍ତଜାତୀୟ ସ୍କୁବା ଡ୍ରାଇଭର ସବୀର ବକ୍ସଙ୍କ ସହ ମନନସ୍ୱିନୀ ମହାରଣା , ମମିତା ଟୁଡୁ, କେ. ସମେୟା, କେ ଧର୍ମା ରାଜୁ, କେ. ସୁରେଶ ଓ ରବି ମୁଣ୍ଡା କାର୍ଯ୍ୟକ୍ରମରେ ଭାଗ ନେଇଥିଲେ । ଏକ ଭାରତ ଶ୍ରେଷ୍ଠ ଭାରତ ଏକ ଯୁବ ଖେଳାଳୀ ଯାହା ତାମିଲନାଡୁ ସେଲିଂ ଆସୋସିଏସନ ଦ୍ୱାରା ପ୍ରଶିକ୍ଷଣ ଦିଆଯାଇଥାଏ । ଉକ୍ତ ଦଶ ଦିନିଆ କାର୍ଯ୍ୟକ୍ରମ ଦେଶର ନାମୀଦାମୀ ଖେଳାଳୀଙ୍କ ଓ ଦକ୍ଷ କୋଚ୍‌ଙ୍କ ଉପସ୍ଥିତିରେ ଆୟୋଜିତ ହୋଇଥିଲା । ଉଇଣ୍ଡ ସର୍ଫିଂରେ ଉନ୍ନତ ପ୍ରଦର୍ଶନ କରିଥିବା ଓଡିଆ ଖେଳାଳୀଙ୍କୁ ନିମନ୍ତ୍ରିତ କରାଯାଇଥିଲା । ଆର୍ନ୍ତଜାତୀୟ ଉଇଣ୍ଡ ସର୍ଫର ମନସ୍ୱିନୀ ମହାରଣା ଟିମ୍‌କୁ ଗାଇଡ୍ କରିଥିଲେ । ଏହି ଟ୍ରିପ୍ ନେଇ ସେ କୁହନ୍ତି, 'ମୁଁ ଅନେକ ଥର ଜାତୀୟ ଓ ଆର୍ନ୍ତଜାତୀୟସ୍ତରରେ ଉଇଣ୍ଡ ସର୍ଫିଂରେ ଭାଗ ନେଇଛି କିନ୍ତୁ ୟାଚିଙ୍ଗ ଏକ ଭିନ୍ନ ଧରଣର ଖେଳ । ଏହା ଆମମାନଙ୍କ ପାଇଁ ଏକ ନୂଆ ସୁଯୋଗ ସୃଷ୍ଟି କରିଛି' । ନୌସେନାଙ୍କ ସହାୟତାକ୍ରମେ ଓଡିଶା ୟାଚିଙ୍ଗ୍ ଆସୋସିଏସନ୍ ମହାନଦୀ ନଦୀରେ ନିଜର ପ୍ରଶିକ୍ଷଣ ଆରମ୍ଭ କରିବ । ଖେଳାଳୀମାନଙ୍କ ସଂପୂର୍ଣ୍ଣ ଦାୟିତ୍ୱ ଓ ଖର୍ଚ୍ଚ ବହନ କରିଥିବା ଓଡିଶା ୟାଚିଙ୍ଗ ଆସୋସିଏସନ୍‌ର ଉପ ସଭାପତି ଶ୍ରୀ କୌଶିକ୍ ଦାସଙ୍କୁ ଆମର ଅଶେଷ ଧନ୍ୟବାଦ।

WINNERS OF
NATIONAL YACHTING
MCL

ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର ବିଶାଳ ବାଇକ୍ ଶୋଭାଯାତ୍ରା

ରାଜନଗର,୨୧।୨ (ନି;ପ୍ର) ରାଜନଗର ବ୍ଲକ(ପ୍ରଖଣ୍ଡ) ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗଦଳ ପକ୍ଷରୁ ପରିଷଦର ସଭାପତି ସୁବାଷଚନ୍ଦ୍ର ମଳିକ, ବଜରଙ୍ଗ ଦଳ ସଂଯୋଜକ ସନ୍ତୋଷ ଲେଙ୍କାଙ୍କ ନେତୃତ୍ୱରେ ଗୋସୁରକ୍ଷା, ଧର୍ମାନ୍ତରୀକରଣ, ଅନୁପ୍ରବେଶ ସମସ୍ୟାକୁ ନେଇ ଏକ ସଚେତନତା ବାଇକ୍ ଶୋଭାଯାତ୍ରା ସ୍ଥାନୀୟ କେରଡାଗଡ ଜଗନ୍ନାଥ ମନ୍ଦିର ନିକଟରୁ ବାହାରିଥିଲା । ଏହି ଶୋଭାଯାତ୍ରା ସାନବଡଗୋପାଳପୁର ବଜାର, ତ୍ରିନାଥବଜାର, ରାଜନଗର ବଜାର, କୁରୁଂଟି ଛକରୁ ପେଣ୍ଠ ବନବିହାରୀଜୀୟୁ ମନ୍ଦିର ନିକଟରେ ଶେଷ ହୋଇଥିଲା । କାର୍ଯ୍ୟକର୍ତାମାନେ ଗୋସୁରକ୍ଷା, ରାଷ୍ଟ୍ରରକ୍ଷ. ଧର୍ମରକ୍ଷାର ନାରାଦେଇ ଶୋଭାଯାତ୍ରାରେ ଯାଇଥିଲେ । ଆଜିର କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ସଂପାଦକ ପବିତ୍ରମୋହନ ସ୍ୱାଇଁ, ବଜରଙ୍ଗ ଦଳ ସଂଯୋଜକ ଅକ୍ଷୟ ସେନାପତି, ବିଭାଗ ସଂଯୋଜକ ରାଜକିଶୋର ନାୟକ ପ୍ରମୁଖ ଯୋଗଦେଇଥିଲେ ।

ସାତ ଦିନ ପରେ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ ଶେଷ



ଭୁବନେଶ୍ୱର,୨୧।୨ (ନି:ପ୍ର) ସପ୍ତାହବ୍ୟାପୀ ଚାଲିଥିବା ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ ଶେଷ ହୋଇଛି। ଶେଷ ଦିନରେ ୬ଟି ସିନେମା ପ୍ରଦର୍ଶିତ ହୋଇଥିଲା। ସେଗୁଡ଼ିକ ହେଉଛି ଶଉଜିତ ଦାସଗୁପ୍ତାଙ୍କ ହିନ୍ଦୀ ସିନେମା ନିନ୍ଦ, ଅମର୍ତ୍ତ୍ୟ ଭଟ୍ଟାଚାର୍ଯ୍ୟଙ୍କ ଓଡ଼ିଆ ସିନେମା କ୍ୟାପିଟାଲ୍ ଆଇ, ସତରୂପା ସାନ୍ୟାଲଙ୍କ ବେଙ୍ଗଲୀ ସିନେମା ଓନ୍ୟୋ ଓପାଲା, ହାଓବମ୍ ପୱନ କୁମାରଙ୍କ ମଣିପୁରୀ ସିନେମା ଲୋତକ ଲାଇରାମ୍ଭି, ସବ୍ୟସାଚୀ ମହାପାତ୍ରଙ୍କ ଓଡ଼ିଆ ସିନେମା ପାହାଡ଼ର ଲୁହ ଏବଂ ଜି ଅରବିନ୍ଦନଙ୍କ ମାଲାୟାଲମ ସିନେମା ମରତମ୍।

ଶେଷ ଦିନର ପ୍ରଥମ ସିନେମା ଥିଲା ନିନ୍ଦ। ଏହି ୧୫ ମିନିଟ୍‌ର ସିନେମାରେ କାବ୍ୟକୁ ବ୍ୟବହାର କରାଯାଇଛି। ନିନ୍ଦ ପରେ କ୍ୟାପିଟାଲ୍ ଆଇ ପ୍ରଦର୍ଶିତ ହୋଇଥିଲା ଯାହା ଏକ ମନୋବିଜ୍ଞାନୀ ସିନେମା। ଏହା ପରେ ଓନୋ ଓପାଲା ପ୍ରଦର୍ଶିତ ହୋଇଥିଲା ଯାହା ଥିଲା ଏଭଳି ଜଣେ ଯୁବତୀଙ୍କ କାହାଣୀ ଯାହାଙ୍କୁ ବିବାହ ରାତିରେ ତାଙ୍କ ସ୍ୱାମୀ ଛାଡ଼ି ଦେଇଥିଲା। ସନ୍ଧ୍ୟାରେ ମଣିପୁରୀ ସିନେମା ଲୋତକ ଲାଇରାମ୍ଭେ ପ୍ରଦର୍ଶିତ ହୋଇଥିଲା ଯାହା ବିଶାଦଗ୍ରସ୍ତ ମତ୍ସ୍ୟଜୀବୀଙ୍କ ଜୀବନ ଉପରେ ଆଧାରିତ ଥିଲା। ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲ୍ ସବ୍ୟସାଚୀ ମହାପାତ୍ରଙ୍କ ପାହାଡ଼ର ଲୁହ ପ୍ରଦର୍ଶନ ସହିତ ଶେଷ ହୋଇଥିଲା। ଏହି ୧୧୦ ମିନିଟ୍‌ର ସିନେମାରେ ଶିଳ୍ପାୟନ ଯୋଗୁଁ ପ୍ରଭାବିତ ହୋଇଥିବା କୋରାପୁଟର ପରଜା ଆଦିବାସୀଙ୍କ କାହାଣୀକୁ ପ୍ରଦର୍ଶନ କରାଯାଇଛି।୨୦୧୬ରେ ରିଲିଜ୍ ହୋଇଥିବା ଏହି ସିନେମାକୁ ଶ୍ରେଷ୍ଠ ଓଡ଼ିଆ ଫିଚର୍ ଫିଲ୍ମ ବର୍ଗରେ ଜାତୀୟ ପୁରସ୍କାର ମିଳିଥିଲା। ସ୍କ୍ରିନ୍-୨ରେ ଶୁକ ଆସୁଛି ନାମକ ୧୨୧ ମିନିଟ୍‌ର ଏକ ଓଡ଼ିଆ ସିନେମା ମଧ୍ୟ ପ୍ରଦର୍ଶିତ ହୋଇଥିଲା।

ଭୁବନେଶ୍ୱରରେ ଅଷ୍ଟମ ଥିଏଟର ଅଲମ୍ପିକ୍ସ

ଭୁବନେଶ୍ୱର,୨୧।୨ (ନି:ପ୍ର) ବୃହତ ଆନ୍ତର୍ଜାତୀୟ ଥିଏଟର ଉତ୍ସବ ଅଷ୍ଟମ ଥିଏଟର ଅଲମ୍ପିକ୍ସଭାବେ ଭାରତ ପ୍ରଥମଥର ପାଇଁ ବିଶ୍ୱର ବୃହତ ଥିଏଟିକାଲ ଉତ୍ସବଭାବେ ପରିଚୟ ସୃଷ୍ଟି କରିବା ପାଇଁ ପ୍ରସ୍ତୁତ । ଜାତୀୟ ଡ୍ରାମା ସ୍କୁଲ ସହିତ ମିଳିତ ଭାବେ କାଉନସିଲିଙ୍ଗ ଆଣ୍ଡ ଇଣ୍ଡଷ୍ଟ୍ରିଆଲ ରିସର୍ଚ୍ଚ (ସିଏସଆଇଆର), ଇନଷ୍ଟିଚ୍ୟୁଟ ଅଫ ମିନେରାଲ ଏବଂ ମ୍ୟାଟେରିଆଲ ଟେକ୍ନୋଲୋଜି ସହିତ ଓଡିଶାର ପର୍ଯ୍ୟଟନ ଏବଂ ସଂସ୍କୃତି ବିଭାଗ ଭୁବନେଶ୍ୱର ପକ୍ଷରୁ ଏହି ଅଷ୍ଟମ ଥିଏଟର ଅଲମ୍ପିକକୁ ସ୍ୱାଗତ କରାଯିବ । ଏହି ଅବସରରେ ମୁଖ୍ୟ ବକ୍ତାଭାବେ ଶ୍ରୀଯୁକ୍ତ ମନୋରଞ୍ଜନ ପାଣିଗ୍ରାହି, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସଚିବ ଉପସ୍ଥିତଥିବାବେଳେ ଅନ୍ୟ ପ୍ରମୁଖ ବ୍ୟକ୍ତି ମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ମନୋଜ ପଟ୍ଟନାୟକ, ଓଡ଼ିଶା ନାଟ୍ୟ ସାହିତ୍ୟର ସଭାପତି, ଶ୍ରୀଯୁକ୍ତ ପ୍ରଦିପ୍ କୁମାର ମହାନ୍ତି, ରେଜିଷ୍ଟ୍ରାର, ନ୍ୟାସନାଲ ସ୍କୁଲ୍ ଅଫ୍ ଡ୍ରାମା, ଶ୍ରୀଯୁକ୍ତ ସମରେଶ କୁମାର ରାଉତରାୟ, ଆଲୁମୁନି, ନ୍ୟାସନାଲ ଅଫ୍ ସ୍କୁଲ୍ ଅଫ୍ ଡ୍ରାମା, ଶ୍ରୀଯୁକ୍ତ ଧିରେନ୍ଦ୍ର ମଲ୍ଲିକ୍, ଓଡ଼ିଶା ସଂଯୋଜକ, ଥିଏଟର ଅଲମ୍ପିକ୍ସ ପ୍ରମୁଖ ଯୋଗଦେଇଥିଲେ ।

ଟାଇମେକ୍ସ ୱରଲ୍ଡ ସଂପ୍ରଶାରିତ ଭୁବନେଶ୍ୱରରେ

ଭୁବନେଶ୍ୱର,୨୧.୨ (ନି;ପ୍ର) ଟାଇମେକ୍ସ, ପୃଥିବିର ପ୍ରମୁଖ ୱାଚ୍ କମ୍ପାନୀ ତାହାର ସଂପ୍ରଶାରିତ ଟାଇମେକ୍ସ ୱରଲ୍ଡ ଷ୍ଟୋର ଭୁବନେଶ୍ୱରର କ୍ରିଷ୍ଟାପ୍ଲାଜା ମଲରେ ନୂଆପଲ୍ଲୀ ଠାରେ ଆଜି ଶ୍ରୀଯୁକ୍ତ ଅନୁପମ ମାଥୁର୍, ମୁଖ୍ୟ ଟାଇମେକ୍ସ ଇଣ୍ଡିଆଙ୍କ ଦ୍ୱରା ଉଦ୍ଘାଟିତ ହୋଇଯାଇଛି। ଏଥିରେ ଶ୍ରୀଯୁକ୍ତ ମାଥୁର ତାଙ୍କର ବାର୍ତ୍ତାରେ ନୂତନ ଯୁବ ପିଢ଼ୀର ଚାହିଦାକୁ ନେଇ ଏଇ ଷ୍ଟୋର ଆଗାମି ଦିନରେ ଏକ ନୂତନ ପ୍ଲାଟଫର୍ମ ନିର୍ମାଣ କରିବ ବୋଲି ମତ ପୋଷଣ କରିଛନ୍ତି।

ନୀଳଚକ୍ର ଯାଞ୍ଚ କଲେ ବିଶେଷଜ୍ଞ ଦଳ

ପୁରୀ,୨୧/୨ (ନି:ପ୍ର) ଶ୍ରୀମନ୍ଦିର ବୈଷୟିକ କମଟି କୋର ସଦସ୍ୟ ଓ ବିଶେଷଜ୍ଞ ମାନେ ବୁଧବାର ଅପରାହ୍ନରେ ଶ୍ରୀମନ୍ଦିର ନୀଳଚକ୍ର ଯାଂଚ କରିଛନ୍ତି। ବୈଷୟିକ କୋର କମିଟି ୫ଜଣ ସଦସ୍ୟ ଏହି ଯାଚଂ କାର୍ଯ୍ୟରେ ସାମିଲ ହୋଇଥିଲେ। ସେଟ୍ରାଂଲ ବିଲଡିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ବରିଷ୍ଠ ବୈଜ୍ଞାନିକ ଅତଦୁଲ କୁମାର ମିତଲ ମଧ ଏହି କୋର କମିଟି ସହ ଶ୍ରୀମନ୍ଦିରକୁ ଯାଇ ଯାଚଂ କରିଛନ୍ତି। ଶ୍ରୀମନ୍ଦିର ଓ ବେହରଣ ଦ୍ୱାରରେ ହୋଇଥିବା ଫାଟଗୁଡିକରେ ମଧ ଯାଚଂ ଓ ତଦାରଖ କରାଯାଇଛି। ବିଶେଷକରି ନାଟମଣ୍ଡପ ଗରୁଡ ସ୍ତମ୍ଭ ଉପରେ ହୋଇଥିବା ବିମର ଫାଟକୁ ମଧ କରାଯାଇଛି। ଏହି ଯାଚଂ କାର୍ଯ୍ୟ ୨ ଦିନ ଧରି ଚାଲଇବ ବୋଲି ଜଣାଯାଇଛି। ୩ ୟ ଦିନ ଭୁବନେଶ୍ୱରରେ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ମରାମତି ସଂପର୍କରେ କୋର କମିଟି ଏଓଆଇ କୁ ପରାମର୍ଶ ଦେବେ। ପୂର୍ବାହ୍ନରେ କୋର କମିଟି ଅଧକ୍ଷ ଆନନ୍ଦପ୍ରାଣ ଗୁପ୍ତାଙ୍କ ସହ କମିଟିର ସଦସ୍ୟ ଓ ସିବିଆରଆଇ ବରିଷ୍ଠ ବୈଜ୍ଞାନିକ ଶ୍ରୀମନ୍ଦିର ମରାମତି ସଂପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି।

ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାରେ ଦୁଇ ବର୍ଷରୁ କମ୍ ସମୟ ଭିତରେ ୩.୧୬ ଲକ୍ଷ ପ୍ରାର୍ଥୀଙ୍କୁ ନିଯୁକ୍ତି

ଭୁବନେଶ୍ୱର,୨୧।୨ (ନି:ପ୍ର) କେନ୍ଦ୍ର ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍‌ଏସ୍‌ଡିଇ)ର ପ୍ରମୁଖ ସ୍କିମ୍ ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମ୍‌କେଭିୱାଇ) ଆରମ୍ଭ ହେବାର ଦୁଇ ବର୍ଷରୁ କମ୍ ସମୟ ଭିତରେ ଅନେକ ସଫଳତା ହାସଲ କରିଛି। ୨୦୧୮ ଫେବ୍ରୁଆରି ସୁଦ୍ଧା ଏହି ସ୍କିମ୍‌ରେ ୩,୧୬,୬୭୧ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତି ମିଳିଛି। ପାଖାପାଖି ୫୫% ସଫଳତା ହାର ସହିତ ପିଏମ୍‌କେଭିୱାଇର ସ୍ୱଳ୍ପ ମିଆଦୀ ତାଲିମ କାର୍ଯ୍ୟକ୍ରମ ଶେଷ ଉପଯୋଗୀ ଏବଂ ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରିଛି। ୨୦୧୭ ନଭେମ୍ବର ଶେଷ ସୁଦ୍ଧା ସ୍ୱଳ୍ପ ମିଆଦୀ ତାଲିମ କାର୍ଯ୍ୟକ୍ରମ (ଏସ୍‌ଟିଟି)ରେ ୫.୯୮ ଲକ୍ଷ ଜଣଙ୍କୁ ସାର୍ଟିଫାଏ କରାଯାଇଛି। ଉଦ୍ୟମିତ୍ରା ପୋର୍ଟାଲ୍ ଜରିଆରେ ୧୦,୦୦୦ରୁ ଅଧିକ ପ୍ରାର୍ଥୀ ମୁଦ୍ରା ଋଣ ପାଇଁ ଆବେଦନ କରିଛନ୍ତି। ପିଏମ୍‌କେଭିୱାଇ ସ୍କିମ୍‌ରେ ତାଲିମ ହାସଲ କରିଥିବା ବିଦ୍ୟାର୍ଥୀମାନେ ସାମସଙ୍ଗ, ଭକ୍ସୱାଗନ, ଏସବିଆଇ ଲାଇଫ୍, ଟାଟା ମୋଟର୍ସ, ପେଟିଏମ୍, ହୋଣ୍ଡା ମୋଟର ସାଇକଲ ଆଣ୍ଡ ସ୍କୁଟର, ଆସେଂଚର, ପିଭିଆର୍ ସିନେମା, ବାଟା ଇଣ୍ଡିଆ, ଜି୪ଏସ୍ ସିକ୍ୟୁର ସଲ୍ୟୁସନ୍ସ, ଲେମନ ଟ୍ରି ହୋଟେଲ୍, ଏଲଆଣ୍ଡଟି ଏବଂ ଟାଟା ସ୍କାଏ ଭଳି ସଂସ୍ଥାରେ ନିଯୁକ୍ତି ପାଇଛନ୍ତି।

ତାଲିମ ପାଇଥିବା ମୋଟ ପ୍ରାର୍ଥୀଙ୍କ ମଧ୍ୟରୁ ୭୬% ମଜୁରୀ ଭିତିକ ନିଯୁକ୍ତି ପାଇଥିବା ବେଳେ ୨୪% ସ୍ୱାବଲମ୍ବୀ/ଉଦ୍ୟୋଗୀ ହେବାକୁ ପସନ୍ଦ କରିଛନ୍ତି। ମଜୁରି କ୍ଷେତ୍ରରେ ନିଯୁକ୍ତି ପାଇଥିବା ପ୍ରାର୍ଥୀମାନଙ୍କ ମଧ୍ୟରୁ ୮୦% ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ହାର୍ଡଓ୍ୟାର, ଆପାରେଲ୍, ବିଉଟି ଆଣ୍ଡ ୱେଲନେସ୍, କୃଷି, ରିଟେଲ୍, ଲଜିଷ୍ଟିକ୍, ଚମଡ଼ା, ଟେଲିକମ୍, ସିକ୍ୟୁରିଟି, ବୟନ ଏବଂ ହସ୍ତତନ୍ତ କ୍ଷେତ୍ରରେ ତାଲିମ ପାଇଛନ୍ତି।

ସ୍କିମ୍‌ର ପ୍ରଗତି ବିଷୟରେ ରାଜେଶ ଅଗ୍ରୱାଲ, ଯୁଗ୍ମ ସଚିବ ଏବଂ ସିଇଓ, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ (ଏମ୍‌ଏସ୍‌ଡିଇ) କହିଛନ୍ତି ଯେ, "ପିଏମ୍‌କେଭିୱାଇ (୨୦୧୬-୨୦୨୦)କୁ ଶିଳ୍ପର ଆବଶ୍ୟକତା ଅନୁଯାୟୀ ନିଯୁକ୍ତି ପାଇଁ ପ୍ରସ୍ତୁତ ଶ୍ରମ ଶକ୍ତି ବିକାଶିତ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଛି। ସ୍କିଲ ଇଣ୍ଡିଆ ମିସନରେ ଆମର ଲକ୍ଷ୍ୟ ହେଉଛି ଶିଳ୍ପ ପାଇଁ ଉପଯୋଗୀ ଭୂମିକା ଉପରେ ଉନ୍ନତ ମାନର ତାଲିମ ପ୍ରଦାନ କରିବା। ସ୍କିଲ୍ ଇଣ୍ଡିଆ ପକ୍ଷରୁ ଉଦ୍ୟମିତାର ମଧ୍ୟ ପ୍ରସାର କରାଯାଉଛି, ଏଥିରେ ମୁଦ୍ରା ଋଣ ଏବଂ ଅନ୍ୟାନ୍ୟ ଆର୍ଥିକ ସହଯୋଗ ମଧ୍ୟ ପ୍ରଦାନ କରାଯାଉଛି।

ଜୟନ୍ତ କ୍ରିଷ୍ଣା, ଇଡି ଏବଂ ସିଓଓ, ଜାତୀୟ ଦକ୍ଷତା ବିକାଶ ନିଗମ (ଏନ୍‌ଏସ୍‌ଡିସି) କହିଛନ୍ତି ଯେ, "ଏନ୍‌ଏସ୍‌ଡିସି ପକ୍ଷରୁ ତାଲିମ ପ୍ରଦାନକାରୀ ଏବଂ କ୍ଷେତ୍ର ଦକ୍ଷତା ପରିଷଦ ସହିତ ମିଶି ବିଭିନ୍ନ ସଂସ୍ଥାର ନୂତନ ଚାହିଦା ଅନୁଯାୟୀ ଭଲ ଏବଂ ଉନ୍ନତ ମାନର ମାନବ ସମ୍ବଳ ସୃଷ୍ଟି କରିବା ଏବଂ ମୂଲ୍ୟାୟନ କରିବା ଦିଗରେ କାମ କରାଯାଉଛି। ଆମର ବିଭିନ୍ନ ଅଭିଯାନ ଯଥା ସଂସ୍ଥାଗୁଡ଼ିକ ସହିତ ସମନ୍ୱୟ ଏବଂ ବିଭିନ୍ନ ପୋର୍ଟାଲ୍ ଯଥା ନ୍ୟାସନାଲ୍ କ୍ୟାରିୟର ସର୍ଭିସ, ଶ୍ରମ ବଜାର ସୂଚନା ବ୍ୟବସ୍ଥା ସୃଷ୍ଟି କରିବା, ନିଯୁକ୍ତି ମେଳା ଆୟୋଜନ ଏବଂ ଆହୁରି ଅନେକ କିଛି ଆୟୋଜନର ଲକ୍ଷ୍ୟ ହେଉଛି ଚାହିଦା ଏବଂ ଯୋଗାଣରେ ଥିବା ପାର୍ଥକ୍ୟକୁ ଦୂର କରିବା।"

କଟକରେ ଇମ୍ପେରିୟାଲ୍ ବ୍ଲୁ ସୁପର ହିଟ୍ ନାଇଟ୍‌ର ଚତୁର୍ଥ ସିଜିନ୍ ଫରହାନ୍ ଲାଇଭ୍ ଦର୍ଶକଙ୍କୁ ଭାବ ବିହ୍ୱଳ କଲା

କଟକ,୨୧।୧ (ନି;ପ୍ର) କଟକ ବାଲିଯାତ୍ରା ଉପର ପଡିଆରେ ଇମ୍ପାରିୟାଲ୍ ବ୍ଲୁ ପକ୍ଷରୁ ଆୟୋଜିତ ଚତୁର୍ଥ ସିଜିନ୍‌ର ଆକର୍ଷଣୀୟ ସଙ୍ଗୀତ ସନ୍ଧ୍ୟା ଫରହାନ ଲାଇଭ୍ ଦର୍ଶକଙ୍କୁ ଭାବ ବିହ୍ୱଳ କରିଛି। ଲୋକପ୍ରିୟ ରକ୍ ସିଙ୍ଗର୍ ଫରହାନ ଅଖତର ନିଜର ସଙ୍ଗୀତ ଯାଦୁରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବା ସହିତ ସବୁଦିନ ପାଇଁ ସେମାନଙ୍କ ସ୍ମୃତିରେ ରହିଯାଇଛନ୍ତି। ଫରହାନଙ୍କ ସଙ୍ଗୀତର କାଉଁରୀ ସ୍ପର୍ଶରେ ଦର୍ଶକ ମତୁଆଲା ହୋଇ ଉଠିଥିଲେ। ଏହି ସ୍ମୃତି ବହୁଳ ସଙ୍ଗୀତ କାର୍ଯ୍ୟକ୍ରମରେ ଫରହାନ ନିଜର ଦକ୍ଷ ସଙ୍ଗୀତ କଳାର ପରିଚୟ 'ପିଛଲେ ସାତ୍ ଦିନୋ'ରୁ ଆରମ୍ଭ କରିଥିଲେ। ଏହାପରେ 'ସେଚା ହେ', 'ମେ ଏସା କିୟୁଁ ହୁଁ' 'ସେନୋରିଟା', 'ଦିଲ୍ ଚାହାତା ହେ' 'ହଭନ କୁଣ୍ଡ' ରକ୍ ଅନ୍ ଆଦିର ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲେ। ତାଙ୍କ ଦଳ ଉପସ୍ଥିତ ଦର୍ଶକଙ୍କ ଭରପୁର ମନୋରଞ୍ଜନ କରିଥିଲେ। ଏହି ଅବସରରେ ପରନଡ୍ ରିକାର୍ଡ ଇଣ୍ଡିଆର ମାର୍କେଟିଙ୍ଗ ସହକାରୀ ଉପ ସଭାପତି ରାଜା ବାନାର୍ଜୀ କହିଲେ, " ଇମ୍ପାରିୟାଲ୍ ବ୍ଲୁ ସୁପରହିଟ୍ ନାଇଟସ୍ ଅନ୍ତର୍ଗତ ଏହି କାର୍ଯ୍ୟକ୍ରମରେ ପ୍ରତିବର୍ଷ ଭିନ୍ନ ଭିନ୍ନ ପ୍ରତିଭା ନିଜର ପ୍ରଦର୍ଶନ କରିଥାନ୍ତି। ଚଳିତ ବର୍ଷ ଏହାର ଚତୁର୍ଥ ସିଜିନ୍‌ରେ ବଲିଉଡ୍‌ର ଲୋକପ୍ରିୟ ପ୍ରତିଭା ଫରହାନ ଅଖତରଙ୍କ ଫରହାନ ଲାଇଭ୍ ଦର୍ଶକଙ୍କୁ ମନୋରଞ୍ଜନର ଅତୁଳନୀୟ ଖୋରାକ ଯୋଗାଇଛି। ଫରହାନ ନିଜ ସଙ୍ଗୀତର ଯାଦୁରେ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିବାରେ ସକ୍ଷମ ହୋଇଛନ୍ତି। ତାଙ୍କ ପ୍ରଦର୍ଶନ ଅତ୍ୟଦ୍ଭୁତ ଉଚ୍ଚକୋଟୀର ରହିଛି। " ଏହି ଅବସରରେ ଫରହାନ ଅଖତର୍ କହିଲେ, "ଇମ୍ପାରିୟାଲ୍ ବ୍ଲୁ ସୁପରହିଟ୍ ନାଇଟସ୍‌ର ଚତୁର୍ଥ ସିଜିନ୍‌ରେ ଗ୍ରାହକଙ୍କର ମନୋରଞ୍ଜନ ପାଇଁ ମୋ ମ୍ୟୁଜିକ୍ ଟ୍ରୁପ୍ ପ୍ରୟାସ କରି ବେଶ୍ ସଫଳ ହୋଇଛନ୍ତି। ସହରସାରା କେବଳ ରକ୍ ଅନ୍ ମ୍ୟୁଜିକ୍ ଯାଦୁରେ କିଛି ସମୟ ପାଇଁ ନିର୍ବାକ୍ ହୋଇଯାଇଛି। ଏହା ମୋ ପାଇଁ ତଥା ଉପସ୍ଥିତ ଦର୍ଶକ ପାଇଁ ସ୍ମୃତି ବହୁଳ ହୋଇ ରହିବ।"